ଓଡିଶା ସରକାର

# ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ, ସମ୍ବଲପୁର

## ପ୍ରାରମ୍ଭିକ ବିଜ୍ଞପ୍ତି (PRELIMINARY NOTIFICATION)

ନମ୍ବର ୭୯୨ ......  ତାରିଖ ୦୧/୧୦/୨୦୨୨

ଯେହେତୁ, ଏହା ଓଡିଶା ସରକାରଙ୍କୁ ପ୍ରତୀୟମାନ ହୋଇଛି ଯେ, ସମୁଦାୟ ଏକର ୦.୦୧୯ ଡିସିମିଲ ଜମି ମୌଜା ସମ୍ବଲପୁର ଟାଉନ ୟୁନିଟ ନମ୍ବର-୦୪( ଏକର ୦.୦୦୨) ଓ ସମ୍ବଲପୁର ଟାଉନ ୟୁନିଟ ନମ୍ବର-୦୫( ଏକର ୦.୦୧୭) , ଯାହାର ବିସ୍ତୃତ ବିବରଣୀ, ନିମ୍ନରେ ପ୍ରଦାନ କରାଯାଇଛି, ତାହା ସମ୍ବଲପୁର ଲକ୍ଷ୍ମୀ ଟକୀଜ ଛକ ଠାରେ ଫ୍ଲାଏ ଓଭର ନିର୍ମାଣ ନିମନ୍ତେ ଅଧିଗ୍ରହଣ କରାଯିବା ଆବଶ୍ୟକ। ଏହି ବିଜ୍ଞପ୍ତି , ସର୍ବସାଧାରଣଙ୍କ ସୂଚନା ନିମନ୍ତେ ଏତତ ଦ୍ୱାରା ପ୍ରଦାନ କରାଯାଇଛି। ଯଦି କୌଣସି ବ୍ୟକ୍ତି କୌଣସି ଜମିରେ ଇଚ୍ଛୁକ ଥାଆନ୍ତି, ଯାହା ଏତତ ସହିତ ବିଜ୍ଞପ୍ତି କରାଯାଇଛି, ସେ ଏହି ବିଜ୍ଞପ୍ତିର ପ୍ରକାଶନ ତାରିଖରୁ ଷାଠିଏ ଦିନ ମଧ୍ୟରେ, ଅଧିଗ୍ରହଣ କରାଯିବାକୁ ଥିବା ପ୍ରସ୍ତାବିତ ଜମି ର ରକବା କିମ୍ବା ଅଞ୍ଚଳ ଏବଂ ଏହାର ଉପଯୁକ୍ତତା ଏବଂ ଯଥାର୍ଥତା ତଥା ସାମାଜିକ ପ୍ରଭାବ ଆକଳନର ରାଏ ସହିତ , ଲିଖିତ ଭାବେ କଲେକ୍ଟରଙ୍କୁ ଆପତ୍ତି କରିବେ।

୧- ସର୍ବସାଧାରଣ ଉଦ୍ଦେଶ୍ୟର ପ୍ରକୃତି : ଲକ୍ଷ୍ମୀ ଟକୀଜ ଛକ ଠାରେ ଫ୍ଲାଏ ଓଭର ନିର୍ମାଣ ନିମନ୍ତେ

୨- ଆବଶ୍ୟକାରୀ ସଂସ୍ଥାର ନାମ : ଅଧୀକ୍ଷଣ ଯନ୍ତ୍ରୀ , ପୂର୍ତ୍ତ ବିଭାଜନ -୧, ସମ୍ବଲପୁର

୩- ପ୍ରଭାବିତ ବ୍ୟକ୍ତିମାନଙ୍କର ବିସ୍ଥାପନ ଦାବୀ କରୁଥିବା କାରଣ :କୌଣସି ପରିବାର ବିସ୍ଥାପିତ ହେଉ ନାହାନ୍ତି ।

୪- ସାମାଜିକ ପ୍ରଭାବ ଆକଳନ ବିବରଣୀର ସାରାଂଶ :ଏଥି ସହିତ ସଂଲଗ୍ନ କରାଗଲା ।

୫- ଥଇଥାନ ଏବଂ ପୁନଃବସତି ଉଦ୍ଦେଶ୍ୟ ନିମନ୍ତେ ନିଯୁକ୍ତ ପ୍ରଶାସକଙ୍କ ବିବରଣୀ : ଉପ-ଜିଲ୍ଲାପାଳ , ସମ୍ବଲପୁର

Scanned by CamScanner

୬- ଜମିର ବିସ୍ତାରୀତ ବିବାରଣୀ :

| ଜିଲ୍ଲା | ତହସିଲ | ଗ୍ରାମ | ଗ୍ରାମୀଣ/ ସହରାଞ୍ଚଳ | ଖାତା ନମ୍ବର | ପ୍ଲଟ ନମ୍ବର | ସମୁଦାୟ ଅଞ୍ଚଳ | ଅଧିଗ୍ରହଣ କରାଯିବାକୁ ଥିବା ଅଞ୍ଚଳ | ଲିପିବଦ୍ଧ ରୟତର ନାମ |
|---|---|---|---|---|---|---|---|---|
| ୧ | ୨ | ୩ | ୪ | ୫ | ୬ | ୭ | ୮ | ୯ |
| ସମ୍ବଲପୁର | ସଦର | ୟୁନିଟ-୦୪ | ସହରାଞ୍ଚଳ | ୨୧୩ | ୧୨୩୭/୧୭୬୬ | ୦.୧୦ | ୦.୦୦୨ | ଶ୍ରୀ ଅରବିନ୍ଦ କର୍ମ ମନ୍ଦିର , ସେକ୍ରେଟାରୀ ଶିଶିର କୁମାର ପଣ୍ଡା ପିତା ମଦନମୋହନ ପଣ୍ଡା ଜାତି-ବ୍ରାହ୍ମଣ ବା-ସମ୍ବଲପୁର |
| ସମ୍ବଲପୁର | ସଦର | ୟୁନିଟ-୦୫ | ସହରାଞ୍ଚଳ | ୬୪୪/୮୭୭ | ୧୮୭୭/୩୯୪୧ | ୦.୦୨୭ | ୦.୦୧୧ | ଜ୍ୟୋତି ପ୍ରକାଶ ପ୍ରମାଣିକ ପିତା- ଆଲ୍ହାଦ ପ୍ରମାଣିକ ଜାତି- ଖ୍ରୀଷ୍ଟିୟାନ ବା-ମିଶନ ରୋଡ ସମ୍ବଲପୁର |
| ସମ୍ବଲପୁର | ସଦର | ୟୁନିଟ-୦୫ | ସହରାଞ୍ଚଳ | ୬୪୪/୮୭୮ | ୧୮୭୭ | ୦.୦୪୧ | ୦.୦୦୬ | ଶକ୍ତି ପ୍ରକାଶ ପ୍ରମାଣିକ ପିତା- ଆଲ୍ହାଦ ପ୍ରମାଣିକ ଜାତି- ଖ୍ରୀଷ୍ଟିୟାନ ବା-ମିଶନ ରୋଡ ସମ୍ବଲପୁର |

ଜିଲ୍ଲା କଲେକ୍ଟରଙ୍କ ପୂର୍ବ ଅନୁମୋଦନ ବିନା , ଏହି ବିଜ୍ଞପ୍ତିର ପ୍ରକାଶନ ତାରିଖରୁ ଏପରି ଜମି ଉପରେ କୌଣସି ବ୍ୟକ୍ତି କୌଣସି କାରବାର କରିପାରିବେ ନାହିଁ କିମ୍ବା କରାଇ ପାରିବେ ନାହିଁ, ଯେପରି ପ୍ରାରମ୍ଭିକ ବିଜ୍ଞପ୍ତିରେ ଧାର୍ଯ୍ୟ କରାଯାଇଛି କିମ୍ବା ଏପରି ଜମି ଉପରେ କୌଣସି ଲାଭ ସୃଷ୍ଟି କରିବେ ନାହିଁ ।

ଏହି ବିଜ୍ଞପ୍ତିର ପ୍ରକାଶନ ତାରିଖରୁ ଷାଠିଏ ଦିନ ମଧ୍ୟରେ କୌଣସି ଇଚ୍ଛୁକ ବ୍ୟକ୍ତିଙ୍କ ଦ୍ୱାରା ଏପରି ଅଧିଗ୍ରହଣ ପ୍ରତି କୌଣସି ଅପତ୍ତି ଦାଖଲ କରାଯାଇପାରେ, ଯେପରି ଭୂମି ଅଧିଗ୍ରହଣ, ଥଇଥାନ ଏବଂ ପୁନଃବସତିରେ ଉପଯୁକ୍ତ କ୍ଷତିପୂରଣ ଏବଂ

Scanned by CamScanner

ସ୍ୱଚ୍ଛତା ପ୍ରତି ଅଧିକାର ଆଇନ ୨୦୧୩ ର ଦଫା ୧୫ ଅନୁଯାୟୀ ବ୍ୟବସ୍ଥାୟିତ, ଏବଂ ତାହା ଜିଲ୍ଲା କଲେକ୍ଟରଙ୍କ ସମ୍ମୁଖରେ ହେବେ ।

ରାଜ୍ୟପାଳଙ୍କ ଆଦେଶ ଦ୍ୱାରା

ଅନନ୍ୟା ଦାସ

ଜିଲ୍ଲାପାଳ, ସମ୍ବଲପୁର

Memo No:-793/ Date 01/10/2022

Copy alongwith the land schedule forwarded to the Director, Printing Stationary & Publication, Odisha, Cuttack with a request to publish the Notification along with the land schedule in the next issue of EOG & supply three copies of them to R&DM Department/ Collector, Sambalpur/ Secretary to RDC, ND, Sambalpur.

Collector, Sambalpur

Memo No:-794/ Date 01/10/2022

Copy along with the land schedule forwarded to the D.I.& P.R. Officer Sambalpur with a request to take necessary steps for publication of the notification along with the land schedule in two local daily newspaper of which at least one shall be in the regional language. Two copy of the said publication may please be furnished to this Collectorate immediately.

Collector, Sambalpur

Memo No:-795/ Date 01/10/2022

Copy forwarded to the Land Acquisition Officer, Sambalpur for information and necessary action.

1. He should not take possession of the land under any circumstances before making payment of compensation to the land loosers.

Scanned by CamScanner

2. The substance of Notification may be published in the locality immediately. Copies of such publication and date of such publication may be informed forthwith for further course of action.
3. Publication in EOG / News paper may be watched and reported to this Collectorate with details of such publication.

Collector, Sambalpur

Memo No:-.....796...../ Date.....01/10/2022.....

Copy forwarded to the Secretary to RDC, ND, Sambalpur/ The Joint Secretary to Govt., R&DM Department, Odisha, Bhubaneswar/ The Secretary to Govt., Works Department, Odisha, Bhubaneswar for information and necessary action.

Collector, Sambalpur

Memo No:-.....797...../ Date.....01/10/2022.....

Copy forwarded to the Superintending Engineer, R&B-I, Sambalpur/ Guard file for information and necessary action.

Collector, Sambalpur

Scanned by CamScanner

# ଅଧ୍ୟୟନର ସାରାଂଶ

**ପ୍ରକଳ୍ପର ନାମ :** *ସମ୍ବଲପୁର ସହର ଲକ୍ଷ୍ମୀ ଟକିଜ୍ ଠାରେ ଫ୍ଲାଏ ଓଭର ବ୍ରିଜ୍ ନିର୍ମାଣ ପ୍ରକଳ୍ପ ନିମନ୍ତେ ସମ୍ବଲପୁର ଜିଲ୍ଲାର ସମ୍ବଲପୁର ତହସିଲ ଅନ୍ତର୍ଗତ ତିନୋଟି ମୌଜାରେ (ସମ୍ବଲପୁର ସହର ୟୁନିଟ୍-୪ କୁଞ୍ଜେଲପଡା, ୟୁନିଟ୍-୫ କୁରେଟୁଲା ଓ ୟୁନିଟ୍-୬ ଗୋଲବଜାର) ୦.୦୬୫ ଏକର ବେସରକାରୀ ଜମି ଅଧିଗ୍ରହଣ ନିମନ୍ତେ ସାମାଜିକ ପ୍ରଭାବ ଆକଳନ ଅଧ୍ୟୟନ ।*

**ପ୍ରକଳ୍ପର ସାର୍ବଜନୀକ ଉଦ୍ଦେଶ୍ୟ:** ଫ୍ଲାଏ ଓଭର ବ୍ରିଜ୍ ନିର୍ମାଣ ପ୍ରକଳ୍ପ ସମ୍ବଲପୁର ସହର ଲକ୍ଷ୍ମୀ ଟକିଜ୍ ମାର୍କେଟ୍ ଉପରେ ପର୍ଯ୍ୟବେସିତ ଏବଂ ଟ୍ରାଫିକ୍ ସମସ୍ୟାକୁ ଦୂର କରିବା ସହିତ ସ୍ଥାନୀୟ ଲୋକ ମାନଙ୍କର ନିରାପଦ ଯାତାୟାତ ପାଇଁ ଉଦ୍ଦିଷ୍ଟ । ଏହି ଫ୍ଲାଏ ଓଭର ନିର୍ମାଣ ଲକ୍ଷ୍ମୀ ଟକିଜ୍ ଛକର ଏକ ଦୀର୍ଘ ଦିନର ଟ୍ରାଫିକ୍ ସମସ୍ୟାକୁ ଦୂରକରିବାରେ ସହାୟକ ହେବ । ଏଥିରୁ ସ୍ପଷ୍ଟ ହୁଏ ଯେ ପ୍ରସ୍ତାବିତ ପ୍ରକଳ୍ପଟି ନିଃସନ୍ଦେହରେ ଲୋକମାନଙ୍କର ହିତ ପାଇଁ ଏବଂ ସାର୍ବଜନୀନ ଉଦ୍ଦେଶ୍ୟରେ ପରିକଳ୍ପିତ ।

**ପ୍ରକଳ୍ପ ଅଂଚଳ / ଅବସ୍ଥିତି:** ଲକ୍ଷ୍ମୀ ଟକିଜ୍ ଛକର ଫ୍ଲାଏଓଭର ବ୍ରିଜ୍ ୟୁନିଟ୍ -୬ (ଗୋଲବାଜର), ୟୁନିଟ୍ -୪ (କୁଞ୍ଜାଲପାଡା) ଏବଂ ସମ୍ବଲପୁର ଟାଉନର ୟୁନିଟ୍ -୫ (କୁରେଟୁଲା) ଅଂଚଳରେ ନିର୍ମିତ ହେବ । ଏହି ପ୍ରକଳ୍ପ ନିର୍ମାଣ ପାଇଁ ସମୁଦାୟ ୦.୦୬୫ ଏକର ବେସରକାରୀ ଜମି (ଗୋଲବାଜରରୁ ୦.୦୨୭ ଏକର, କୁଞ୍ଜାଲପାଡାର ୦.୦୦୨ ଏକର ଏବଂ କୁରେଟୁଲାର ୦.୦୩୬ ଏକର) ସମ୍ବଲପୁରର ଆର ଆଣ୍ଡ ବି ଡିଭିଜନ୍ -୧ ମାଧମରେ ଅଧିଗ୍ରହଣ ହେବ ।

**ବିକଳ୍ପ ପରୀକ୍ଷଣ :** ବର୍ତ୍ତମାନ ଅବସ୍ଥିତିକୁ ବିଚାର କଲେ, ଲକ୍ଷ୍ମୀ ଟକିଜ୍ ଛକର ଫ୍ଲାଏଓଭର ବ୍ରିଜ୍ ନିର୍ମାଣ ପାଇଁ ପ୍ରକଳ୍ପ ଅଂଚଳର ଡିଜାଇନ୍ ଏବଂ ଚୟନ ସମ୍ବନ୍ଧରେ ଅନ୍ୟ କୌଣସି ବିକଳ୍ପ ଅନୁସନ୍ଧାନ କରିବାର ଆବଶ୍ୟକତା ନାହିଁ ।

**ସାମାଜିକପ୍ରଭାବ ଆକଳନ ଅଧ୍ୟୟନ ଏବଂ ସେଥିରୁ ଉପଲବ୍ଧ ତଥ୍ୟ:**

ଲକ୍ଷ୍ମୀ ଟକିଜ୍ ଛକ ଫ୍ଲାଏଓଭର ବ୍ରିଜ୍ ପାଇଁ ରାସ୍ତା ନିର୍ମାଣ ପ୍ରକଳ୍ପ ନିମନ୍ତେ କରାଯାଇଥିବା ଏହି ସାମାଜିକ ପ୍ରଭାବ ଆକଳନ ଅଧ୍ୟୟନଟି "ଓଡ଼ିଶା ନ୍ୟାୟୋଚିତ କ୍ଷତିପୂରଣ ଅଧିକାର, ଭୂ-ଅର୍ଜନ, ପୁର୍ନବାସ ଓ ଥଇଥାନ କ୍ଷେତ୍ରରେ ସ୍ୱଚ୍ଛତା ନିୟମାବଳୀ ୨୦୧୬"କୁ ଦୃଷ୍ଟିରେ ରଖି "ନ୍ୟାୟୋଚିତ କ୍ଷତିପୂରଣ ଅଧିକାର, ଭୂ-ଅର୍ଜନ, ପୁର୍ନବାସ ଓ ଥଇଥାନ କ୍ଷେତ୍ରରେ ସ୍ୱଚ୍ଛତା ଆଇନ ୨୦୧୩"ର ମାର୍ଗଦର୍ଶକା (ଧାରା-୪.୧) ଆଧାରରେ କରାଯାଇଛି । ଏହି ଅଧ୍ୟୟନଟିରେ ଘରକୁ ଘର ଯାଇ (ସେନ୍‌ସସ୍ ସର୍ଭେ ମାଧ୍ୟମରେ) ପ୍ରତ୍ୟକ୍ଷ ଭାବରେ ପ୍ରଭାବିତ ପ୍ରତିଟି ପରିବାରଙ୍କୁ ଏବଂ ନମୂନା ସର୍ବେକ୍ଷଣ ମାଧ୍ୟମରେ କିଛି ପରୋକ୍ଷ ଭାବରେ ପ୍ରଭାବିତ ପରିବାରଙ୍କୁ ଯୋଗାଯୋଗ କରି ତଥ୍ୟ ସଂଗ୍ରହ କରାଯାଇଥିଲା । ଏହି ଅଧ୍ୟୟନ ପ୍ରକ୍ରିୟାରେ ୭ ଟି ପ୍ରତ୍ୟକ୍ଷ ପ୍ରଭାବିତ ପରିବାର ଓ ୩୦ ଟି ପରୋକ୍ଷ ପ୍ରଭାବିତ ପରିବାରଙ୍କୁ ସର୍ବେକ୍ଷଣ କରାଯାଇଥିଲା ।

**ଜମି ର ଆକଳନ**

ଲକ୍ଷ୍ମୀ ଟକିଜ୍ ଛକର ଫ୍ଲାଏଓଭର ବ୍ରିଜ୍ ପାଇଁ ରାସ୍ତା ନିର୍ମାଣ ପ୍ରକଳ୍ପ ନିମନ୍ତେ ୦.୦୬୫ ଏକର ବେସରକାରୀ ଜମି ସମ୍ବଲପୁର ଜିଲ୍ଲାର ସମ୍ବଲପୁର ସହରରେ ଅଧିଗ୍ରହଣ କରାଯିବାର ପ୍ରସ୍ତାବ ରହିଛି । ପ୍ରାଥମିକ ତଥ୍ୟ ଅନୁଯାୟୀ ମୋଟ୍ ୫.୬୦୨ଏକର ଜମି ତିନୋଟି ଅଂଚଳର ୭ଟି ପ୍ରଭାବିତ ପରିବାରଙ୍କ ଅଧିନରେ ଉପଲବ୍ଧ । ମୋଟ୍ ଜମିରୁ ସର୍ବାଧିକ



Scanned by CamScanner

୪.୩୦୦ ଏକର (୭୬.୭୬%) କୃଷିକାର୍ଯ୍ୟ ପାଇଁ ବ୍ୟବହାର କରାଯାଉଅଛି ଯାହାକି ସମ୍ବଲପୁର ସହରର ବାହାରେ ଅବସ୍ଥିତ । ମାତ୍ର ୦.୮୫୫ ଏକର ଜମି (୧୫.୨୬%) ବାସୋପଯୋଗୀ ଜମି ଓ୦.୪୪୭ ଏକର (୭.୯୮%) ଜମି ବ୍ୟବସାୟ ସହିତ ଅନ୍ୟାନ୍ୟ କାର୍ଯ୍ୟପାଇଁ ଉପଲବ୍ଧ ।

**ପ୍ରକଳ୍ପ ଜମି**

ତିନୋଟି ଗ୍ରାମରେ ସମୁଦାୟ ୦.୫୬୧ ଏକର ଜମି ପ୍ରଭାବିତ ହେବ, ସେଥିମଧ୍ୟରୁ ଫ୍ଲାଇଓଭର ବ୍ରିଜ୍ ପ୍ରକଳ୍ପ ପାଇଁ ୦.୦୬୫ ଏକର ଜମି ଅଧିଗ୍ରହଣ ହେବ ଯାହାକି ଘରବାରୀ କିସମ୍ ଅନ୍ତର୍ଭୁକ୍ତ ।

**ପ୍ରଭାବିତ ଏବଂ ଅଧିଗ୍ରହଣ ହୋଇଥିବା ଜମି:**

ଜମି ରେକର୍ଡ ଅନୁଯାୟୀ, ପ୍ରସ୍ତାବିତ ପ୍ରକଳ୍ପ ଯୋଗୁଁ ୯ ଟି ପ୍ଲଟକୁ ନେଇ ସମୁଦାୟ ୦.୫୬୧ ଏକର ଜମି ପ୍ରଭାବିତ ହେବ । ସେଥିମଧ୍ୟରୁ ଉକ୍ତ ପ୍ରକଳ୍ପ ପାଇଁ ୦.୦୬୫ ଏକର ଜମି ଅଧିଗ୍ରହଣ ହେବ, ଯାହା ସମୁଦାୟ ପ୍ରଭାବିତ ଜମିର ୧୧.୬% ଅଟେ ।

**ପ୍ରଭାବିତ ହେବାକୁ ଥିବା ଜମି:**

ଅଧ୍ୟୟନରୁ ଜଣାପଡିଛି ଯେ ଫ୍ଲାଏଓଭର ବ୍ରିଜ୍ ପାଇଁ ରାସ୍ତା ନିର୍ମାଣ ଦ୍ଵାରା କେବଳ ନଅଟି ଆବାସିକ ସ୍ଥପତିର ଛୋଟ ଅଂଶ ପ୍ରଭାବିତ ହେବ। ଏହି କୋଠାଗୁଡ଼ିକ ଆବାସିକ ତଥା ବ୍ୟବସାୟିକ କିମ୍ବା ଭଡା ଉଦ୍ଦେଶ୍ୟରେ ବ୍ୟବହୃତ ହେଉଛି ।

**ପ୍ରଭାବିତ ଶ୍ରୀ ଅରବିନ୍ଦ କର୍ମ ମନ୍ଦିର ବିଲଡିଂ:** ଶ୍ରୀ ଅରବିନ୍ଦ କର୍ମ ମନ୍ଦିରର ଟ୍ରଷ୍ଟି ସଦସ୍ୟମାନେ ମତ ଦେଇଛନ୍ତି ଯେ ଏହା ସମ୍ବଲପୁରର ଏକ ଅଗ୍ରଣୀ ଶିକ୍ଷାନୁଷ୍ଠାନ ଏବଂ ଧାର୍ମିକ ଅନୁଷ୍ଠାନ ଯେଉଁଠାରେ ୧୨୦୦ ରୁ ଅଧିକ ଛାତ୍ର ଛାତ୍ରୀ ଅଧ୍ୟୟନ କରୁଛନ୍ତି । ଏହା ବ୍ୟତୀତ ଏହି ଅନୁଷ୍ଠାନ ଶ୍ରୀ ଅରବିନ୍ଦଙ୍କର ଏକ ସ୍ମୃତିଚିହ୍ନ କେନ୍ଦ୍ର ଅଟେ । ଏହି କୋଠାର ଏକ ଅଂଶ ଭାଙ୍ଗିବା ଦ୍ଵାରା ସମଗ୍ର ଅନୁଷ୍ଠାନ ପ୍ରଭାବିତ ହେବ, ଯାହା ଅନୁଷ୍ଠାନର ଧାର୍ମିକ ଏବଂ ଶିକ୍ଷା ପରିବେଶ ଉପରେ ପ୍ରଭାବ ପକାଇପାରେ । ତଥାପି, ଏହା କୁହାଯାଇପାରେ ଯେ, ପ୍ରସ୍ତାବିତ ରାସ୍ତା ଏହି ଅନୁଷ୍ଠାନରେ ପଢୁଥିବା ଛାତ୍ରଛାତ୍ରୀଙ୍କ ସହିତ ମନ୍ଦିର ପରିଦର୍ଶକମାନଙ୍କ ପାଇଁ ସୁରକ୍ଷିତ ଯୋଗାଯୋଗ ସୁବିଧା ଯୋଗାଇବ । ଅଧିକନ୍ତୁ, ଜଣାଯାଏ ଯେ, ମନ୍ଦିରରେ ଥିବା ସ୍ମୃତିଚିହ୍ନ, (ସମାଧୀ) ଅଧିଗ୍ରହଣ ପରେ ମଧ୍ୟ ପ୍ରଭାବିତ ହେବନାହିଁ । କିନ୍ତୁ, ଯଦି ରାସ୍ତାଟି ସମାନ ପ୍ରସ୍ଥ ସହିତ ନିର୍ମିତ ହୁଏ, ତେବେ ଚିହ୍ନିତ ହୋଇଥିବା ଅଂଶର ଉପସ୍ଥିତି ଏକ ଦୁର୍ଘଟଣା ସ୍ଥାନ ସୃଷ୍ଟି କରିବ ଏବଂ ଦୁର୍ଘଟଣା ମଧ୍ୟ ଘଟାଇପାରେ ।

**ପ୍ରକଳ୍ପର ପ୍ରଭାବ**

- ପ୍ରାଥମିକ ତଥ୍ୟ ଅନୁସାରେ ପ୍ରଭାବିତ ପରିବାରରେ ମୋଟ୍ ୫.୬୦୨ ଏକର ଘରୋଇ ଜମି ଅଛି, ଯେଉଁଥିରୁ କେବଳ ୦.୫୬୧ ଏକର ଜମି ଅଧିଗ୍ରହଣ ହେବ; ଯାହା ସମୁଦାୟ ଜମିର ମାତ୍ର ୧୦% ଅଟେ । ଏହି ଜମିକୁ ଲୋକମାନେ ଆବାସିକ କିମ୍ବା ବ୍ୟବସାୟିକ ଉଦ୍ଦେଶ୍ୟରେ ବ୍ୟବହାର କରନ୍ତି, ଯାହା ଅଧିଗ୍ରହଣ ପରେ ସେମାନଙ୍କ ପାଇଁ ଅସୁବିଧା ସୃଷ୍ଟି କରିବ । ତେଣୁ, ଜମି ଆବଶ୍ୟକ କରୁଥିବା ସଂସ୍ଥା, ପ୍ରକଳ୍ପ ସମାପ୍ତ ହେବାରେ ପ୍ରଭାବିତ ପରିବାରର ଏହି ଅବଦାନକୁ ହୃଦୟଙ୍ଗମ କରିବା ଉଚିତ୍ ଏବଂ ସେମାନଙ୍କ ପାଇଁ ଦିଆଯାଇଥିବା କ୍ଷତିପୂରଣ ରାଶି **ନିର୍ଣ୍ଣୟ** କରିବା ସମୟରେ ଉପଯୁକ୍ତ ଧ୍ୟାନ ଦେବା ଆବଶ୍ୟକ ।

Scanned by CamScanner

- ଅଧିକାଂଶ ପରିବାର, ଯେଉଁମାନଙ୍କର ଜମି ଏହି ପ୍ରକଳ୍ପ ଦ୍ୱାରା ପ୍ରଭାବିତ ହେବ, ସେମାନେ ବିଭିନ୍ନ ପ୍ରକାରର ବ୍ୟବସାୟ କରି କିମ୍ବା ବ୍ୟବସାୟ ଉଦ୍ଦେଶ୍ୟରେ ଘର ଭଡା ପ୍ରଦାନ କରି ଜୀବିକା ନିର୍ବାହ କରୁଛନ୍ତି । ପ୍ରକଳ୍ପ ନିର୍ମାଣ ସମୟରେ ସେମାନଙ୍କର ସ୍ଥପତିର ଏକ ଛୋଟ ଅଂଶର କ୍ଷତି ସେମାନଙ୍କ ବ୍ୟବସାୟ ଉପରେ ସ୍ୱଳ୍ପକାଳୀନ ପ୍ରଭାବ ପକାଇବ ବୋଲି ଆଶାକରାଯାଉଛି ।
- ନଅଟି ଆବାସିକ କୋଠାର କେବଳ ଛୋଟ ଅଂଶ ପ୍ରକଳ୍ପ ପାଇଁ ରାସ୍ତା ନିର୍ମାଣ ଦ୍ୱାରା ପ୍ରଭାବିତ ହେବ । ତଥାପି, ଲୋକମାନେ ପ୍ରକାଶ କରିଛନ୍ତି ଯେ, ଯଦିଓ ଘରର କେବଳ ଏକ ଛୋଟ ଅଂଶ ପ୍ରଭାବିତ ହୁଏ, ତଥାପି ଏହାର ବ୍ୟବହାର ପାଇଁ ଗୃହର ପୁନଃନିର୍ମାଣ ହେବା ଆବଶ୍ୟକ । ଯଦିଓ ପ୍ରଭାବିତ ପରିବାରମାନେ ପ୍ରକଳ୍ପ ରାସ୍ତା ନିର୍ମାଣ ପାଇଁ ସେମାନଙ୍କର ଜମି ଯୋଗାଇବାକୁ ରାଜି ଅଛନ୍ତି, ତଥାପି ସେମାନେ ସେମାନଙ୍କର ଘରଗୁଡିକର କ୍ଷତି ପାଇଁ ଉପଯୁକ୍ତ ଏବଂ ଗ୍ରହଣୀୟ କ୍ଷତିପୂରଣ ଆଶା କରିଛନ୍ତି ।
- ପ୍ରଭାବିତ ପରିବାରମାନେ ଅଭିଯୋଗ କରିଛନ୍ତି ଯେ ଏହି ଫ୍ଲାଏ ଓଭର ସମ୍ବଲପୁରର ସ୍ଥାନୀୟ ପର୍ବ ଶୀତଳଷଷ୍ଠି ଏବଂ ମହରମ ଉତ୍ସବରେ ବାଧା ସୃଷ୍ଟି କରିବ। ସେମାନେ ଦାବି କରିଛନ୍ତି ଯେ ଶୀତଳଷଷ୍ଠି ମହୋତ୍ସବର 'ରଥ' ଏବଂ ମହରମର 'ତାଜିଆ' ଫ୍ଲାଏ ଓଭର ତଳେ ଯାଇପାରିବ ନାହିଁ। ତଥାପି, ଏହା ଭଲ ଭାବରେ ଆକଳନ କରାଯାଇଛି, ଯେ ଫ୍ଲାଏଓଭରର ଉଚ୍ଚତା ୧୧ ମିଟରକୁ ବୃଦ୍ଧି କରାଯାଉଥିବାରୁ ପ୍ରକଳ୍ପ କାର୍ଯ୍ୟ ପର୍ଯ୍ୟାୟରେ କୌଣସି ସାଂସ୍କୃତିକ ବିଶୃଙ୍ଖଳା ଘଟିବ ନାହିଁ । ଅନ୍ୟ ପକ୍ଷରେ, ଏହି ପ୍ରକଳ୍ପ ହେତୁ, କୌଣସି ପରିବାର ବିସ୍ଥାପିତ ହେବାର ସମ୍ଭାବନା ନଥିବାରୁ ପ୍ରଭାବିତ ପରିବାରର ସାମାଜିକ-ସାଂସ୍କୃତିକ ତଥା ଜନସଂଖ୍ୟାଗତ ସଂରଚନାରେ ସେପରି କୌଣସି ପରିବର୍ତ୍ତନ ହେବ ନାହିଁ ।
- ଆକଳନ କରାଯାଉଛି ଯେ, ନିର୍ମାଣ ସମୟରେ ଲୋକଙ୍କୁ ସେମାନଙ୍କର ବ୍ୟବସାୟ କେନ୍ଦ୍ରକୁ ସାମୟିକ ଭାବେ ବନ୍ଦ କରିବାକୁ ପଡିବ । ତେଣୁ, ପ୍ରକଳ୍ପ କର୍ତ୍ତୃପକ୍ଷ RTFCTLARR ଅଧିନିୟମ, ୨୦୧୩ ର ନିର୍ଦ୍ଦେଶାବଳୀ ଅନୁଯାୟୀ ପ୍ରଭାବିତ ବ୍ୟକ୍ତିମାନଙ୍କ ବ୍ୟବସାୟର କ୍ଷତି ଦିନଗୁଡିକ ବିଷୟରେ ବିଚାର କରିବା ଉଚିତ୍ । ଏହା ବ୍ୟତୀତ, ସ୍ଥାନାନ୍ତର ହେଉଥିବା ରାସ୍ତାଘାଟ ବିକ୍ରେତାଙ୍କ ଜୀବିକା ବିଷୟରେ ମଧ୍ୟ ଧ୍ୟାନ ହେବା ଉଚିତ୍ ।

**ପ୍ରକଳ୍ପ ପ୍ରତି ଗୋଷ୍ଠୀର ଭାବନା / ଚିନ୍ତାଧାରା**

ପ୍ରକଳ୍ପ ରାସ୍ତା ନିର୍ମାଣ ବିଷୟରେ ପ୍ରଭାବିତ ପରିବାରମାନଙ୍କର ସଚେତନତା ସମ୍ପର୍କରେ ଆଲୋଚନା ବେଳେ ସମସ୍ତେ କହିଥିଲେ ଯେ ସେମାନେ ପ୍ରକଳ୍ପ ବିଷୟରେ ଅବଗତ ଅଛନ୍ତି ଏବଂ ସେମାନଙ୍କର ଜମି ଅଧିଗ୍ରହଣ ହେବାର ସମ୍ଭାବନା ଅଛି ବୋଲି ସେମାନେ ଜାଣିଛନ୍ତି ।

*<u>ପ୍ରକଳ୍ପର ଲାଭ ବିଷୟରେ ପ୍ରଭାବିତ ପରିବାରମାନଙ୍କର ଧାରଣା</u>*

ପ୍ରଭାବିତ ୭ ପରିବାର ମଧ୍ୟରୁ, ୪ଟି ପରିବାର ଅନୁଭବ କଲେ ଯେ ଏହି ପ୍ରକଳ୍ପଟି ସାମାଜିକ ଏବଂ ଅର୍ଥନୈତିକ ଦୃଷ୍ଟିରୁ ସେମାନଙ୍କ ପାଇଁ ଲାଭଦାୟକ ହେବ ଏବଂ ବାକି ପରିବାରମାନେ ଏହି ବିଷୟରେ ନକାରାତ୍ମକ ମତ ଦେଇଥିଲେ; ବରଂ ସେମାନେ ଆଂଶିକ ଭାବରେ ସେମାନଙ୍କର ଜମି ହରାଇବେ ବୋଲି ମତ ପ୍ରକାଶ କରିଥିଲେ । ସାମାଜିକ ସୁବିଧା ବିଷୟରେ, ଉତ୍ତରଦାତାମାନେ ମତ ଦେଇଛନ୍ତି ଯେ ଏହି ପ୍ରକଳ୍ପ ଉନ୍ନତ ଗମନାଗମନ ସୁବିଧା ଯୋଗାଇବ ଏବଂ ଯାତ୍ରା ସମୟକୁ ହ୍ରାସକରିବ । ଏଥିରୁ ଜଣାଯାଏ ଯେ ପ୍ରକଳ୍ପର ସମ୍ଭାବ୍ୟ ସକାରାତ୍ମକ ପରିଣାମ ପାଇଁ ପ୍ରଭାବିତ ଅଧିକାଂଶ ଲୋକ ଆଶାବାଦୀ ଅଛନ୍ତି ।



Scanned by CamScanner

## <u>କ୍ଷତିପୂରଣ ପାଇଁ ପ୍ରଭାବିତ ପରିବାରମାନଙ୍କର ଆଶାଆକାଂକ୍ଷା :</u>

ପ୍ରକଳ୍ପ ଯୋଗୁଁ ହରାଉଥିବା ଜମି ବଦଳରେ ଅଧିକାଂଶ ପ୍ରକଳ୍ପ ପ୍ରଭାବିତ ପରିବାର କ୍ଷତିପୂରଣ ବାବଦକୁ ଉପଯୁକ୍ତ ଅର୍ଥ ସହାୟତା ପାଇଁ ଆଶା କରନ୍ତି । କିନ୍ତୁ, ଶ୍ରୀ ଅରବିନ୍ଦ କର୍ମ ମନ୍ଦିର ଟ୍ରଷ୍ଟିର ସଦସ୍ୟମାନେ କ୍ଷତିପୂରଣ ବଦଳରେ ସେମାନଙ୍କ ଅନୁଷ୍ଠାନ କ୍ଷତି ନହେବା ପାଇଁ ପ୍ରକଳ୍ପ ଅଧିକାରୀଙ୍କ ତରଫରୁ ବିକଳ୍ପ ବ୍ୟବସ୍ଥା ଆଶାକରୁଛନ୍ତି ।

## ସାମାଜିକପ୍ରଭାବ ପରିଚାଳନା ଯୋଜନା (ଏସ.ଆଇ.ଏମ୍.ପି):

ସାମାଜିକ ପ୍ରଭାବ ପରିଚାଳନା ଯୋଜନା ସାମାଜିକ ପ୍ରଭାବ ଆକଳନ ଅଧ୍ୟୟନର ଏକ ପ୍ରମୁଖ ଅଂଶ ଯେଉଁଠି ଉପଯୁକ୍ତ ପ୍ରଶମନ ଓ ସୁରକ୍ଷା କାର୍ଯ୍ୟକ୍ରମ ହାତକୁ ନେଇ ପ୍ରକଳ୍ପର ନକାରାତ୍ମକ ପ୍ରଭାବକୁ ପ୍ରତିହତ କରିବାକୁ ପ୍ରୟାସ କରାଯାଏ । ପ୍ରମୁଖ ପ୍ରଭାବ ମାପକ ମାନଦଣ୍ଡ, ପ୍ରକଳ୍ପରେ ଆଶଙ୍କା କରାଯାଉଥିବା ସକରାତ୍ମକ ପ୍ରଭାବ ଏବଂ ପ୍ରକଳ୍ପରେ ଆଶଙ୍କା କରାଯାଉଥିବା ନକରାତ୍ମକ ପ୍ରଭାବକୁ ଭିତ୍ତି କରି ସାମାଜିକ ପ୍ରଭାବ ପରିଚାଳନା ଯୋଜନା କାର୍ଯ୍ୟକ୍ରମ କରାଯାଇଥିଲା ଏବଂ ପ୍ରସ୍ତାବିତ ପ୍ରଶମନ ଯୋଜନା ପ୍ରସ୍ତୁତ କରାଯାଇଥିଲା ଯାହା ଏହି ରିପୋର୍ଟର ଷଷ୍ଠ ଅଧ୍ୟୟନରେ ବର୍ଣ୍ଣନା କରାଯାଇଛି ।

## ସୁପାରିଶ

ମିଳିଥିବା ତଥ୍ୟ ଅନୁଯାୟୀ ପ୍ରକଳ୍ପର ସଫଳ ରୂପାୟନ ପାଇଁ ନିମ୍ନୋକ୍ତ ପଦକ୍ଷେପ ନିଆଯାଇପାରିବ:

- ପ୍ରଭାବିତ ପରିବାରମାନେ ଦାବି କରୁଛନ୍ତି ଯେ ଶୀତଳଷଷ୍ଠି ମହୋତ୍ସବର 'ରଥ' ଏବଂ ମହରମର 'ତାଜିଆ' ଫ୍ଲାଏ ଓଭର ତଳେ ଯାଇପାରିବ ନାହିଁ । ତେଣୁ, ଫ୍ଲାଏ ଓଭର ବ୍ରିଜର ଉଚ୍ଚତା ବୃଦ୍ଧି କରାଯାଇଥିବାରୁ ଏହି ସମସ୍ୟା ବିଷୟରେ ସଚେତନତା ସୃଷ୍ଟି କରାଯିବା ଉଚିତ୍ ।
- ଏହି ଫ୍ଲାଏ ଓଭର ରାସ୍ତା ନିର୍ମାଣ ପାଇଁ ସାତଜଣ ପ୍ରଭାବିତ ପରିବାର ନିଜ ଘରର ଏକ ଛୋଟ ଅଂଶ ହରାଇବାର ସମ୍ଭାବନା ରହିଛି । ତେଣୁ, ପ୍ରକଳ୍ପ କର୍ତ୍ତୃପକ୍ଷ ଏହାର ଯାଂଚ କରିବା ସହିତ ଉଚିତ୍ ମୂଲ୍ୟାଙ୍କନ କରିବା ପାଇଁ ଏକ ପ୍ରୟାସ କରିବା ଉଚିତ ଏବଂ କ୍ଷତିପୂରଣ ରାଶି RTFCLAAR ଅଧିନିୟମ ୨୦୧୩ ଆଧାରରେ ନିର୍ଣ୍ଣୟ କରାଯିବା ଉଚିତ ।
- ଏହି ପ୍ରକଳ୍ପ ଦ୍ୱାରା ଶ୍ରୀ ଅରବିନ୍ଦ କର୍ମ ମନ୍ଦିରର (ମାତୃନିବାସ) ଏକ ଛୋଟ ଅଂଶ କ୍ଷତି ହେବାର ସମ୍ଭାବନା ଅଛି । ପୁନଶ୍ଚ, ଏହା ଭଙ୍ଗାଯିବା ପରେ ପୁନଃଗଠନର ଆବଶ୍ୟକତା ରହିଛି । ଏହି ଅନୁଷ୍ଠାନର ଟ୍ରଷ୍ଟି ସଦସ୍ୟମାନେ ପ୍ରକଳ୍ପ ଅଧିକାରୀଙ୍କୁ ଅନୁଷ୍ଠାନର ସୁରକ୍ଷା ପାଇଁ କୌଣସି ବିକଳ୍ପ ବ୍ୟବସ୍ଥା ଗ୍ରହଣ କରିବାକୁ ଅନୁରୋଧ କରୁଛନ୍ତି । ତେଣୁ, ଯଦି ସମ୍ଭବ, ପ୍ରକଳ୍ପ ଆବଶ୍ୟକତା ଏବଂ ଅନୁଷ୍ଠାନର ସୁରକ୍ଷା ଉପରେ ନିର୍ଭର କରି ପ୍ରକଳ୍ପ ଅଧିକାରୀ ଏହି ମାମଲାକୁ ବିଚାର କରିପାରନ୍ତି । ଅନ୍ୟ ପକ୍ଷରେ ପ୍ରକଳ୍ପ ଅଧିକାରୀ ସ୍ଥିର କରି ପ୍ରକଳ୍ପ ଅଧିକାରୀ ଏହି ମାମଲାକୁ ବିଚାର କରିପାରନ୍ତି । ଅନ୍ୟ ପକ୍ଷରେ ପ୍ରକଳ୍ପ ଅଧିକାରୀ ସ୍ଥିର ହୋଇଥିବା କ୍ଷୟକ୍ଷତିର ପ୍ରକୃତ ଆକଳନ କରି ଉପଯୁକ୍ତ କ୍ଷତିପୂରଣ ଭରଣା କରିବା ଆବଶ୍ୟକତା ରହିଛି ।
- ପ୍ରକଳ୍ପ ଅଂଚଳରେ ବ୍ୟବସାୟ ଉପରେ ନିର୍ଭରଶୀଳ ପ୍ରଭାବିତ ପ୍ରଭାବିତ ପରିବାରମାନଙ୍କ ପାଇଁ ଜୀବିକା ସୁଯୋଗକୁ ଯଥାସମ୍ଭବ ପୁନରୁଦ୍ଧାର କରାଯିବା ଆବଶ୍ୟକ ।
- ରାସ୍ତା ନିର୍ମାଣ ସମୟରେ ଲୋକଙ୍କ ସୁରକ୍ଷା ପାଇଁ ନିର୍ମାଣରୁ ବାହାରୁଥିବା ବର୍ଜ୍ୟବସ୍ତୁକୁ ଉପଯୁକ୍ତ ଭାବରେ ନିଷ୍କାସନ ନିଶ୍ଚିତ କରାଯିବା ଉଚିତ୍ ।

Scanned by CamScanner

ଏହି ଫ୍ଲାଏ ଓଭର ପ୍ରକଳ୍ପଟି ବିଶେଷକରି ସ୍ଥାନୀୟ ଅଂଚଳରେ ଲୋକମାନଙ୍କର ଯାତାୟାତ ଓ ପରିବହନ କ୍ଷେତ୍ରରେ ଉନ୍ନତି ଆଣିବ ବୋଲି ଆଶା କରାଯାଉଛି ଓ ଏହି ପ୍ରକଳ୍ପଟି ସମୁହ ସ୍ୱାର୍ଥ ଦୃଷ୍ଟିରୁ ଲୋକମାନଙ୍କର ହିତ ପାଇଁ ଏକ ସ୍ୱାଗତଯୋଗ୍ୟ ପଦକ୍ଷେପ ।

---

Scanned by CamScanner